# REGIONAL NEWS UNIT, AIR CUTTACK
## Evening Bulletin (6.45 PM)
### 18th October – 2025

**********************************

## ମୁଖ୍ୟ ସମ୍ବାଦ

- ସାଇବର ଅପରାଧକୁ ରୋକିବା ପାଇଁ ସଚେତନତା ଶକ୍ତିଶାଳୀ ଅସ୍ତ୍ର ।

— ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୨୦ଟି ନୂତନ ସାଇବର ଥାନା କାର୍ଯ୍ୟକ୍ଷମ ହେବ; କହିଲେ ମୁଖ୍ୟମନ୍ତ୍ରୀ ।

- ପୁରୀ ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ପରେ ଆରମ୍ଭ ହେବ ଧାଡ଼ି ଦର୍ଶନ ବ୍ୟବସ୍ଥା ।

- ନୂଆପଡ଼ା ଉପନିର୍ବାଚନ ପାଇଁ ଆଜି ସୁଦ୍ଧା ୫ ଜଣ ପ୍ରାର୍ଥୀ କଲେ ନାମାନଙ୍କ ପତ୍ର ଦାଖଲ ।

ଏବଂ

- ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି; ଆସନ୍ତା ମଙ୍ଗଳବାର ସୁଦ୍ଧା ଲଘୁଚାପ ସମ୍ଭାବନା ।

*BBSR, Gajapati, Sambalpur, Dhenkanal/R*

## ସାଇବର ଠକେଇ

ସାଇବର ଅପରାଧକୁ ରୋକିବାପାଇଁ ସଚେତନତା ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର

କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ରାଜ୍ୟସ୍ତରୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସାଇବର ସୁରକ୍ଷାପାଇଁ ୧ ହଜାର ୧୨୭ଟି ନୂତନ ପୁଲିସ୍ ପଦବି ସହିତ ୧୭୦ ଟେକ୍ନିକାଲ୍ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ ।

***Voice (CM)*** :.........

ସାଇବର ଅପରାଧକୁ ପ୍ରତିରୋଧ କରିବାପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୨୦ଟି ନୂତନ ସାଇବର ଥାନା କାର୍ଯ୍ୟକ୍ଷମ ହେବ । ୧୪ଟି ସାଇବର ଥାନାର ଆଧୁନିକୀକରଣ କରାଯିବା ସହ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ସ୍ଥାପନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ପ୍ରାୟ ୮୨ କୋଟି ଲୋକ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି । ଏକ୍ଷେତ୍ରରେ ଆମ ଦେଶ ଦ୍ୱିତୀୟ ସ୍ଥାନରେ ରହିଛି । ଇଣ୍ଟର୍‌ନେଟ୍ ବ୍ୟବହାର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାବେଳେ ସାଇବର ଅପରାଧୀମାନେ ଏହାର ସୁଯୋଗ ନେଇ ସାଧାରଣ ଜନତାଙ୍କୁ ଠକିବାରେ ଲାଗିଛନ୍ତି । ସାଇବର ଅପରାଧକୁ ରୋକିବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି ।

ଓଡ଼ିଶା ପୁଲିସ୍ ପକ୍ଷରୁ ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଆଜିଠାରୁ ଏକମାସ ବ୍ୟାପୀ ସାଇବର ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀ ଏହି ଅବସରରେ ୧୬ଟି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମରେ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.

ଖୁରାନିଆ, କ୍ରାଇମ୍ ବ୍ରାଞ୍ଚ୍ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଜପତି ଜିଲ୍ଲା ପୁଲିସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଜନସାଧାରଣ ସେମାନଙ୍କ କଷ୍ଟ ଉପାର୍ଜିତ ଧନସମ୍ପତ୍ତିକୁ ସୁରକ୍ଷିତ ରଖିବାପାଇଁ ସାଇବର ଅପରାଧ ସମ୍ପର୍କରେ ସଚେତନ ହେବାପାଇଁ ଆହ୍ବାନ ଦେଇଥିଲେ ।

ସମ୍ବଲପୁର ଜିଲ୍ଲା ପୁଲିସ୍ ପକ୍ଷରୁ ଗଙ୍ଗାଧର ମେହର ବିଶ୍ୱବିଦ୍ୟାଳୟଠାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଢେଙ୍କାନାଳ ଜିଲ୍ଲାପାଳ କାର୍ଯ୍ୟାଳୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଯୋଗଦେଇ ସାଇବର ଠକେଇ ସମ୍ପର୍କିତ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ ।

***Desk***

# ଶ୍ରୀମନ୍ଦିର - ଧାଡ଼ିଦର୍ଶନ

ପୁରୀ ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । କାର୍ତ୍ତିକ

ପୂର୍ଣ୍ଣିମାର ୧୫ ଦିନ ପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ । ଏହାପରେ ରତ୍ନଭଣ୍ଡାର ଗଣତି ମଣତି କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

***Desk***

## ଦୀପାବଳି ଛୁଟି

ରାଜ୍ୟ ସରକାର ଆଲୋକର ପର୍ବ ଦୀପାବଳି ଉପଲକ୍ଷେ ଆସନ୍ତା ୨୦ ତାରିଖକୁ ଅତିରିକ୍ତ ଛୁଟିଦିନ ଭାବେ ଘୋଷଣା କରିଛନ୍ତି। ପୂର୍ବରୁ ଘୋଷିତ ୨୧ ତାରିଖ ଛୁଟି ଦିନକୁ ମଧ୍ୟ ବଳବତ୍ତର ରଖାଯାଇଛି। ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ତେବେ ଆସନ୍ତା ୨୦ ତାରିଖ ଦିନ ନୂଆପଡ଼ା ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ମାଜିଷ୍ଟ୍ରେରିଆଲ କୋର୍ଟ ଖୋଲା ରହିବା ସହ ୨୧ ତାରିଖ ଦିନ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ଏଥିସହ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ମଧ୍ୟ ଏହି ଦୁଇଦିନ ବନ୍ଦ ରହିବ । ଚଳିତ ମାସର ଚତୁର୍ଥ ଶନିବାର ୨୫ ତାରିଖକୁ ସରକାରୀ କାର୍ଯ୍ୟଦିବସ ଭାବେ ଘୋଷଣା କରିଛନ୍ତି।

*Desk*

# ଧନ୍ୱନ୍ତରୀ ଦିବସ

ଆରୋଗ୍ୟ ଓ ସମୃଦ୍ଧିର ଦେବତା ଧ୍ୱନ୍ୱନ୍ତରୀଙ୍କ ଜୟନ୍ତୀ ଆଜି କାର୍ତ୍ତିକ ମାସର କୃଷ୍ଣପକ୍ଷ ତ୍ରୟୋଦଶ ତିଥିରେ ପାଳନ କରାଯାଉଛି। ଦୀପାବଳିର ଦୁଇଦିନ ପୂର୍ବରୁ ଭଗବାନ ଧନ୍ୱନ୍ତରୀଙ୍କୁ ପ୍ରସନ୍ନ କରିବା ପାଇଁ ଆଜିର ଦିନରେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ଦିନ ସୁନା, ରୂପା, ହୀରା ଆଦି କ୍ରୟ କରିବା ଅତ୍ୟନ୍ତ ଶୁଭ ବୋଲି ମାନ୍ୟତା ରହିଛି।

ଧନତେରସ ପର୍ବ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ଦେଶବାସୀଙ୍କ ସୁଖ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି । ପ୍ରଭୁ ଧନନ୍ତ୍ୱରୀ ସମସ୍ତ ନାଗରିକଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ଶ୍ରୀ ମୋଦୀ ଆଶା ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ଆଜିର ଦିନରେ ରାଜ୍ୟର ପ୍ରତ୍ୟେକ ପରିବାର ସୁଖ, ଶାନ୍ତି, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିବା ସହ ଚାଷୀ, ଶ୍ରମିକ, ମହିଳା ଓ ଯୁବପିଢ଼ିଙ୍କ ପାଇଁ ସଫଳତାର ନୂତନ ଦ୍ୱାରା ଉନ୍ମୁକ୍ତ ହେଉ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଧନ୍‌ତେରସ୍ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସ୍ୱାସ୍ଥ୍ୟ ଆମପାଇଁ ସବୁଠାରୁ ମୂଲ୍ୟବାନ୍ ସମ୍ପଦ କହିବା ସହ ଧନ୍ୱନ୍ତରୀଙ୍କ ନିକଟରେ ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରିଛନ୍ତି ।

*Desk*

# ଜି.ଏସ୍.ଟି. ସଞ୍ଚୟ

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଦେଶର ଅର୍ଥନୀତିକୁ ପ୍ରୋତ୍ସାହନ ପ୍ରଦାନ କରିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ନୂଆଦିଲ୍ଲୀରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହ ଜି.ଏସ୍.ଟି. ସଞ୍ଚୟ ଉତ୍ସବରେ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଅର୍ଥମନ୍ତ୍ରୀ କହିଛନ୍ତି, ଦ୍ରବ୍ୟ ଓ ସେବାକର ହ୍ରାସ ପରେ ସାଧାରଣ ଲୋକଙ୍କ କ୍ରୟ କ୍ଷମତା ବୃଦ୍ଧି ପାଇଛି । ଯାହାଫଳରେ ପର୍ବପର୍ବାଣିରେ ବୈଦ୍ୟୁତିକ ଉପକରଣ, ଅଟୋମୋବାଇଲ୍ ଏବଂ ଉପଭୋକ୍ତା ସାମଗ୍ରୀ ଭଳି ରେକର୍ଡ଼ ବିକ୍ରୟ ହୋଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଚଳିତ ବର୍ଷ ନବରାତ୍ରିରେ ବୈଦ୍ୟୁତିକ ସାମଗ୍ରୀ ବିକ୍ରୟରେ ୨୫ ପ୍ରତିଶତ ବୃଦ୍ଧି ଘଟିଛି । ବୈଦ୍ୟୁତିକ ସାମଗ୍ରୀର ବର୍ଦ୍ଧିତ ଚାହିଦା ସିଧାସଳଖ ବୈଦ୍ୟୁତିକ ଉତ୍ପାଦନ ଶିଳ୍ପକୁ ଲାଭ ପ୍ରଦାନ କରିଛି ।

***Voice (Vaishnav) :..........***

*Desk, Nuapada/R*

## ନୂଆପଡ଼ା ଉପନିର୍ବାଚନ

ନୂଆପଡା ଉପନିର୍ବାଚନ ପାଇଁ ଆଜି ୪ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବିଜେପି ପ୍ରାର୍ଥୀ ଜୟ ଢୋଲକିଆ, କଂଗ୍ରେସ ପ୍ରାର୍ଥୀ ଘାସୀରାମ ମାଝୀ, ଓଡ଼ିଶା ଜନତା ଦଳ ପ୍ରାର୍ଥୀ ଶୁକଦେବ ଦଣ୍ଡସେନା ଓ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଆଜିସୁଦ୍ଧା ୫ ଜଣ ପ୍ରାର୍ଥୀ ୭ଟି ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି । ଗତକାଲି ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।

ଭାରତର ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ସୋମବାର ଦିନ ନାମାଙ୍କନ ଦାଖଲର ଶେଷ ତାରିଖ ରହିଛି । ସେହିପରି ବୁଧବାର ଦିନ ନାମାଙ୍କନ ପତ୍ର ଯାଞ୍ଚ୍ ଏବଂ ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ।

ସୂଚନାଥାଉ କି, ଆସନ୍ତା ମାସ ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ। ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ ।

*Desk*

## ମୁଖ୍ୟ ନିର୍ବାଚନ ଅଧିକାରୀ

ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ ନୂଆପଡ଼ା ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଜିଲ୍ଲାପାଳଙ୍କ

କାର୍ଯ୍ୟାଳୟ ପରିସରରେ ସମୀକ୍ଷା କରିଛନ୍ତି । ନ୍ୟାସନାଲ କଲେଜ ସ୍ଥିତ ଭୋଟ୍ ଗଣତି କେନ୍ଦ୍ର, ଇ.ଭି.ଏମ୍. ଓ ଭି.ଭି.ପାଟ୍ ଥିବା ଷ୍ଟ୍ରଙ୍ଗ୍‌ରୁମ୍ ସେ ପରିଦର୍ଶନ କରିଛନ୍ତି । ଶ୍ରୀ ଗୋପାଳନ୍ ନୂଆପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବୁଥ୍ ପରିଦର୍ଶନ କରିବା ସହ ଉପଲବ୍ଧ ମୌଳିକ ସୁବିଧାର ତଦାରଖ କରିଛନ୍ତି । ଗସ୍ତ ଅବସରରେ ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

***Nayagarh/R***

# ପୌର ପରିଷଦ ବୈଠକ

ନୟାଗଡ଼ ପୌର ପରିଷଦ ବୈଠକ ଅଧକ୍ଷା ନିରୁପମା ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଡକ୍ଟର ଅରୁଣ କୁମାର ସାହୁ ବୈଠକରେ ଯୋଗଦେଇ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଆହାର କେନ୍ଦ୍ରଗୁଡ଼ିକର ସୁପରିଚାଳନାପାଇଁ ଏକ ପରିଦର୍ଶନକାରୀ ଦଳ ଗଠନ କରାଯାଇଛି । ବଲାଙ୍ଗୀ ଉଦ୍ୟାନର ଉନ୍ନତୀକରଣପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

*Gajapati/R*

# ଏକାଭିମୁଖୀ କର୍ମଶାଳା

ଗଜପତି ଜିଲ୍ଲାରେ ମହିଳାମାନଙ୍କୁ ସଶକ୍ତ ଓ ରୋଜଗାରକ୍ଷମ କରାଇବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଏକାଭିମୁଖୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ମିଶନ ଶକ୍ତି, ଆଦିବାସୀ ଉନ୍ନୟନ ସଂସ୍ଥା, କୃଷି ଓ ଜଳ ବିଭାଜିକା ବିଭାଗର ଅଧିକାରୀମାନେ ଯୋଗଦେଇ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ରୋଜଗାରକ୍ଷମ ତଥା ସ୍ୱାବଲମ୍ବୀ କରିବାପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ ।

*Bhadrak/R*

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭଦ୍ରକ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବାସୁଦେବପୁର ବ୍ଲକ୍ ବ୍ରାହ୍ମଣୀ ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ବ୍ଲକ୍‌ର ୩୬ଟି ପଞ୍ଚାୟତ ଓ ପୌରପାଳିକାର ୫୩୨ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

***Bolangir/R***

# ପି.ଏମ୍. ସୂର୍ଯ୍ୟଘର

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ପଶ୍ଚିମ ଓଡ଼ିଶାରେ ପ୍ରଥମ କରି ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ମହୀମୁଣ୍ଡାଠାରେ ୧ କିଲୋୱାଟ୍ ରୁଫ୍ ଟପ୍ ସୋଲାର ପ୍ୟାନେଲ୍‌ର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲ୍‌ୱାର ଏହାର ଶୁଭାରମ୍ଭ କରି ଗ୍ରାମବାସୀ ଏହାଦ୍ୱାରା ବିଦ୍ୟୁତ୍ ଦେୟରୁ ମୁକ୍ତି ପାଇବା ସହ ପ୍ରାକୃତିକ ଉତ୍ସକୁ ବ୍ୟବହାର କରିପାରିବେ ବୋଲି କହିଛନ୍ତି ।

***Met. O.***

# ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ତତ୍‌ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ପ୍ରଭାବରେ ଆସନ୍ତା ମଙ୍ଗଳବାର ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପଶ୍ଚିମ–ଉତ୍ତର ପଶ୍ଚିମ ଦିଗକୁ ଗତ କରି ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ମାଲକାନଗିରି, ରାୟଗଡ଼ା, କୋରାପୁଟ, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ,

କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼କୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

******